# Akashvani, Sambalpur

## SAMBALPURI NEWS EVENING BULLETIN

## 23 August 2026-7.02- 7.12 pm.

---

୧- ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ମହାକାଶ୍ କ୍ଷେତ୍ରର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଚନ୍ଦ୍ରଯାନ- ୩ ର ସଫଲତାକେ ସୁର୍‌ତା କରିକରି ଆଏଜ୍ ପାଲନ୍ କରାଯାଉଛେ ଜାତୀୟ ମହାକାଶ୍ ଦିବସ୍ ।

୨- ଭୁବନେଶ୍ୱର୍ ଠାନେ ଆଏଜ୍ ହେଇଛେ ଓଡ଼ିଶା ସହରାଂଚଲ୍ ସମ୍ମିଳନୀ-୨୦୨୬ ।

୩- ଆଏବା ହପ୍ତା ଫେର୍‌ଥରେ ମୁଲ୍ ହେବା ପୁରୀ ଶ୍ରୀମନ୍ଦିର୍ ଅଲଙ୍କାର୍ ଗନ୍‌ତିମନ୍‌ତି ।

ଆଉର୍

୪- ବଙ୍ଗୋପସାଗର ନ ହେଇଥିବା ଘୂର୍ଣ୍ଣିବଳୟ ବଦ୍‌ଲିଲା ଲଘୁଚାପ୍‌ଥି ରାଜ୍ୟର୍ ୫ ଟା ଜିଲ୍ଲାନ ଜବର୍‌ନୁ ଅତି ଜବର୍ ବର୍ଷାର୍ ସମ୍ଭାବନା ।

ଜାତୀୟ ମହାକାଶ୍ ଦିବସ୍ ଆର୍ଏନ୍ୟୁ/ କଟକ୍

ଚନ୍ଦ୍ରଯାନ୍-୩ ସଫଳତାକେ ସୁର୍ତା କରିକରି ଆଏଜ୍ ଜାତୀୟ ମହାକାଶ୍ ଦିବସ୍ ପାଲନ୍ କରାଯାଉଛେ । ୨୦୨୩ ମସିହା ଆଝିର୍ ଦିନେ ଚନ୍ଦ୍ରଯାନ୍ ମିଶନ୍ ଅଧୀନ୍ଥି ଚନ୍ଦ୍ରପୃଷ୍ଠ ନ ବିକ୍ରମ୍ ଲେଣ୍ଡର୍ ସୁରକ୍ଷିତ୍ ଆଉ ସହଜ୍ ହିସାବେ ଉତ୍ରିଥିଲା । ଇଥି ସମାଜ୍ ଆଉ ପ୍ରଯୁକ୍ତି ବିଦ୍ୟା ଉପ୍ରେ ମହାକାଶ୍ ଅନୁସନ୍ଧାନ୍ର ଗଭୀର୍ ପ୍ରଭାବ୍କେ ଜୋର୍ ଦିଆଯାଇଛେ । ଜାତୀୟ ମହାକାଶ୍ ଦିବସ୍ ଅବ୍ସରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଉ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ଉପରାଷ୍ଟ୍ରପତି କହିଛନ୍, ଭାରତ୍ର ମହାକାଶ୍ ଉପଲବ୍ଧି, ବୈଜ୍ଞାନିକ୍ ସାମର୍ଥ୍ୟ ନବସୃଜନ ଜ୍ଞାନ୍ର ପରିସର୍କେ ବଢ଼େଇଛେ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍, ଭାରତ୍, ନିରନ୍ତର୍ ଭାବେ ମହାକାଶ୍ କ୍ଷେତ୍ରଥି ଆଗ୍କେ ବଢ଼ିଛେ । ସେ କହିଛନ୍, ଦେଶର୍ ଯୁବ ଇଞ୍ଜିନିୟର୍, ଡିଜାଇନର୍ ଆଉ ବୈଜ୍ଞାନିକ୍ମାନେ ନୂଆଁ ପ୍ରଯୁକ୍ତିବିଦ୍ୟାର୍ ବିକାଶ୍ କର୍ବାର୍ କ୍ଷେତ୍ରଥି ସଫଳତା ହାସଲ୍ କରୁଛନ୍ । ଭାରତ୍ର ଘରୋଇ ମହାକାଶ୍ କ୍ଷେତ୍ର

ଆଉ ଇତାର୍‌ସାଙ୍ଗେ ଜୁଡ଼ି ରହିଥିବା ପ୍ରତିଭା ସାରା ପୁର୍‌ଥି ନ ନିଜର୍ ଖାସ୍ ପରିଚୟ ବନେଇପାରିଛେ । ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ମହାକାଶ୍ କ୍ଷେତ୍ରର୍ ଭୂମିକା ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । କେନ୍ଦ୍ର ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ଗୁଟେ ଖାସ୍ ଉତ୍ସବ୍‌ଥି ଚନ୍ଦ୍ରଯାନ୍ -୩ ସଫଲ୍ ଅବତରଣ୍‌କେ ସୁର୍‌ତା କରିକରି କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦୃଷ୍ଟିକୋଣ ଭାରତ୍‌ର ମହାକାଶ୍ ଗବେଷଣା କ୍ଷେତ୍ରଥି ଦେଶ୍‌କେ ସଫଲତା ଦେଇଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶୁଭେଚ୍ଛା ଜନେଇକରି କହିଛନ୍, ମହାକାଶ୍ କ୍ଷେତ୍ରଥି ଭାରତ୍‌ର ଗୌରବ୍‌ମୟ ଯାତ୍ରା ଦେଶର୍ ବୈଜ୍ଞାନିକ୍ ଆଉ ଇଞ୍ଜିନିୟର୍ ମାନ୍‌କର୍ ଦୂରଦୃଷ୍ଟି, ନବସୃଜନ ଆଉ ଦୃଢ଼ ସଂକଳ୍ପର୍ ବର୍‌କସ୍ ଉଦାହରଣ୍ ଆଏ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍, ଭାରତ୍‌ର ଅନ୍ୱେଷଣ୍, ନବସୃଜନ ଆଉ ବୈଜ୍ଞାନିକ୍, ଉତ୍କର୍ଷର ଅଦମ୍ୟ ଭାବ୍‌ନାକେ ଆଏଜ୍ ଦେଶ୍ ପାଲନ୍ କରୁଛେ ।

ଓଡ଼ିଶା ସହରାଂଚଲ୍ ସମ୍ମିଳନୀ        ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ଗୃହ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍ଫୁ ପୌରାଂଚଲ୍ ମାନ୍‌କେ ଥିବା ସାମଗ୍ରିକ୍ ସମୀକ୍ଷା ଆଉ ଅନୁସ୍ଥାପନ କାର୍ଯ୍ୟକ୍ରମ୍ 'ଓଡ଼ିଶା ସହରାଂଚଲ୍ ସମ୍ମିଳନୀ -୨୦୨୬' ଆଏଜ୍ ହେଇଯାଇଛେ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ସମ୍ମିଳନୀ କକ୍ଷ ନ ହେଇଥିବା କାର୍ଯ୍ୟକ୍ରମ୍‌କେ ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ୍ କରିଛନ୍ । କାର୍ଯ୍ୟକ୍ରମ୍‌ଥି ବରିଷ୍ଠ ପ୍ରଶାସକ୍, ଯୋଜ୍‌ନାକାରୀ ପୌର ପ୍ରତିନିଧି, ଆଉ ଯନ୍ତ୍ରୀମାନେ ଭିନ୍ ଭିନ୍ ଯୋଜ୍‌ନାର୍ ସମୀକ୍ଷା କରିକରି ସମସ୍ୟା ବାବ୍‌ଦେ ଆଲୋଚନା କରିଥିଲେ ।

ଜନ ଅଭିଯୋଗ୍ ଶୁଣାଣି        ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ସଖାଲର୍ ୮ ବଜେନୁ ୟୁନିଟ୍-୨ ଅଶୋକ୍ ନଗର୍ ଭୁବ୍‌ନେଶ୍ୱର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ଇଥିର୍

ଲାଗି ପଞ୍ଜିକରଣ୍ କରିଥିବା ଆଗ୍ରହୀ ଲୁକେ ପଞ୍ଜିକୃତ ପ୍ରାପ୍ତି ସ୍ୱୀକାର୍ ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଆଉ ନିଜର୍ ଅଭିଯୋଗ୍ ପତ୍ର ସାଙ୍ଗେ ଉପସ୍ଥିତ୍ ରହିକରି ମୁଖ୍ୟମନ୍ତ୍ରୀଙ୍କୁ ନିଜର୍ ଅଭିଯାଗ୍ ଜନେଇପାର୍‌ବେ ।

ସ୍ୱାସ୍ଥ୍ୟମନ୍ତ୍ରୀ- ବୈଠକ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ତରଫୁ ରମାଦେବୀ ବିଶ୍ୱବିଦ୍ୟାଳୟ ନ ହେଇଥିବା ସାଧାରଣ ପରିଷଦ୍ ବୈଠକ୍ ଆଉ ଦିନ୍‌କିଆ ବାର୍ଷିକ୍ ରାଜ୍ୟ ସମ୍ମିଲନୀଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ମନ୍ତ୍ରୀ କହିଛନ୍, ୩୯ ବଛର୍ ଦାବିକେ ସମ୍ମାନ୍ ଦେଇକରି ଫାର୍ମାସୀ କେଡ଼ରର ପୁନର୍ଗଠନ୍ କରାଯାଇଛେ ଆଉ ଫାର୍ମାସିଷ୍ଟ୍ ମାନ୍‌କର୍ କାମ୍ ଆଉ ଦାୟିତ୍ୱ ସ୍ୱଷ୍ଟ କର୍‌ବାର୍ ଲାଗି ଜବ୍ ଚାର୍ଟ ତିଆର୍ କରାଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଦିଗ୍‌ଦର୍ଶନ୍ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନେତୃତ୍ୱଥି ସ୍ୱାସ୍ଥ୍ୟକ୍ଷେତ୍ରଥି ମାନବ୍ ସମ୍ପଲ୍‌କେ ବର୍‌କସ୍ କରାଯାଉଛେ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ରାଏଜେ ଔଷଧ ସେବାକେ ମଜ୍‌ବୁତ୍ କର୍‌ବାର୍ ଲାଗି ୧୧ ଶହ ୮ ଟା ନୂଆଁ ଫାର୍ମାସୀ ଅଧିକାରୀ ପଦ୍‌ବୀଥି ନିଯୁକ୍ତି ଲାଗି ଅନୁମୋଦନ୍ ହେଇସାରିଛେ । ଆଉ ଇସବୁ ପଦ୍‌ବୀକେ ଖୋବ୍ ଜଲ୍‌ଦି ପୁରା କରାଯିବା ବଲି ମନ୍ତ୍ରୀ କହିଛନ୍ । ଫାର୍ମାସୀ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ନିଯୁକ୍ତି ଆଉ ପଦୋନ୍ନତି ସେବା ୨୦୨୫ ଲାଗୁ ଦାବିକେ ସର୍‌କାର୍ ଗୁରୁତ୍ୱର୍ ସହେତେ ବିଚାର୍ କରୁଛନ୍ ବଲି ସେ କହିଛନ୍ ।

ଶ୍ରୀମନ୍ଦିର ଗଣତି ମଣତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର ନ ଆଏବା ୩୧ ଆର୍ ଆଏବା ମାସ ୧ ତାରିଖ୍ ଦିନ୍ ରତ୍ନଭଣ୍ଡାରର୍ ଗଣତି ମଣତି କରାଯିବା । ରାଜ୍ୟ ସରକାରଙ୍କର୍ ତର୍‌ଫୁ ଅନୁମୋଦିତ ମାର୍ଗଦର୍ଶିକା ଅନ୍‌ସାରେ ଇ ଗଣତି ମଣତି କରାଯିବା । ଇଥିର୍‌ଲାଗି ଉପର୍‌ବେଲା ୪ ବଜେନୁ ସନ୍ଧ୍ୟାଧୂପ ଶେଷ୍ ହେବାର୍‌ତକ୍ ଭିତରକାଠ ଦର୍ଶନ୍ ବନ୍ଦ୍ ରହେବା । ସୂଚ୍‌ନା ଅନ୍‌ସାରେ ଗଲା ୨୦୨୫ ମସିହା ମାର୍ଚ୍ଚ ୨୫ ତାରିଖ୍‌ନୁ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ଥିବା ଅଲଙ୍କାର୍ ଆଉ ମୂଲ୍ୟବାନ୍ ସାମଗ୍ରୀର୍ ଗନ୍‌ତି କାମ୍ ମୁଲ୍ ହେଇଥିଲା ।

ଧର୍ମେନ୍ଦ୍ର ପ୍ରଧାନ୍          ଆର୍ଏନ୍ୟୁ/ କଟକ୍

ସମ୍ବଲ୍ପୁର୍- ଅନୁଗୁଲ୍- କଟକ୍କେ ଜୁଡୁଥିବା ୫୫ ନମ୍ବର୍ ଜାତୀୟ ରାଜ୍ପଥ୍ର ଦେଖ୍ରେଖ୍ ଆଉ ତୁରତି ମରାମତି ଲାଗି କେନ୍ଦ୍ର ସଡ଼କ୍ ପରିବହନ୍ ଆଉ ରାଜ୍ପଥ୍ ମନ୍ତ୍ରୀ ନୀତିନ୍ ଗଡ୍କରୀଙ୍କୁ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଚିଠି ଜରିଏ ଜନେଇଛନ୍ । ଶ୍ରୀ ପ୍ରଧାନ୍ କହିଛନ୍, ଓଡ଼ିଶାର୍ ପ୍ରମୁଖ୍ ପରିବହନ୍ ଆଉ ଲିଜିଷ୍ଟିକ୍ କରିଡ଼ର୍ ଭାବେ ୫୫ ନମ୍ବର୍ ଜାତୀୟ ରାଜ୍ପଥ୍ର ଅବସ୍ଥା, ଲଗାଏତ୍ ବର୍ଷା ଆଉ ବହୁତ୍ଟେ ଗାଡ଼ି ଯା'ଆସ୍ କର୍ବାର୍ନୁ ଖରାପ୍ ହେଇଯାଇଛେ । ଯେନ୍ଥିର୍ଲାଗି ଯାତ୍ରୀ ଆଉ ପଣ୍ୟବାହୀ ଗାଡ଼ି ମଟର୍ ଚଲାଚଲ୍ଥି ବହୁତ୍ ସମସ୍ୟା ଦେଖାଦେଉଛେ । ରାସ୍ତାର୍ ଖରାପ୍ ଅବସ୍ଥା ଲାଗି ସଡ଼କ୍ ଦୁର୍ଘଟଣାର୍ ଆଶଙ୍କା ବଢ଼୍ବାର୍ ସହେତେ ଯା'ଆସ୍ ଆଉ ଯୋଗାଯୋଗ୍ ବାଧାପ୍ରାପ୍ତ ହେଇଛେ । ଓଡ଼ିଶାର୍ ପଶ୍ଚିମ ଆଉ ସମୁଦ୍ର ଖଁଡ଼ି ଇଲାକାକେ ଜୁଡ଼୍ବାର୍ ସହେତେ ସବୁ ଦିନିଆ ବେଭାର୍ ଦରବ୍ର ପରିବହନ୍ ଲାଗି ଇ ମୁଖ୍ୟ ସଡ଼କ୍ ପଥର୍ ଆବଶ୍ୟକତାକେ ନଜର୍ଥି ରଖିକରି ତୁରତି କାମ୍ କରାଯିବାର୍ ଦର୍କାର୍ ବଲି ଶ୍ରୀ ପ୍ରଧାନ୍ ଚିଠିଥି ଉଲ୍ଲେଖ୍ କରିଛନ୍ ।

ଚାଷୀ ପଞ୍ଜିକରଣ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ଖରିଫ୍ ଋତୁଥି ଧାନ୍ ବିକ୍‌ବାର୍ ଲାଗି ପଞ୍ଜିକରଣ୍ ପ୍ରକ୍ରିୟା ଚାଲୁଛେ । ଇହାଦେତକ୍ ୮ ଲାଖ୍ ୫୯ ହଜାର୍ ୩ ଶହ ୮୨ ଝନ୍ ଚାଷୀ ପଞ୍ଜିକରଣ୍ କରିଥିବାର୍ ବେଲେ ନୂଆପଡ଼ା ଜିଲ୍ଲା ନ ୨୬ ହଜାର୍ ୯ ଶହ ୪୦ ଝନ୍ ଚାଷୀ ପଞ୍ଜିକରଣ୍ କରିଥିବାର୍ ସୂଚ୍‌ନା ମିଲିଛେ । ଗଲା ବଛର୍ ରାଏଜେ ୧୯ ଲାଖ୍ ୬୭ ହଜାର୍ ୮ ଶହ ୧୨ ଝନ୍ ଚାଷୀ ପଞ୍ଜିକରଣ୍ କରିଥିଲେ ।

ଉତ୍କଳ ସାହିତ୍ୟ ସମ୍ମାନ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରସିଦ୍ଧ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଇ ବଛର୍ ମର୍ଯ୍ୟାଦାଜନକ୍ "ଉତ୍କଳ ରତ୍ନ ସମ୍ମାନ୍" ପାଏବେ । ଉତ୍କଳ ସାହିତ୍ୟ ସମାଜ୍‌ର ସଭାପତି ଡକ୍ଟର୍ ଗୋବିନ୍ଦ ଚନ୍ଦ୍ର ଦାସ ଇ ବାବ୍‌ଦେ ଘୋଷ୍‌ନା କରିଛନ୍ । ଅଲ୍‌ଗା ମାନ୍‌କର୍ ଭିତ୍‌ରେ ଅଜୟ ସାହୁଙ୍କୁ ସୁକଦେବ ସାହୁ ଉପନ୍ୟାସ୍ ସମ୍ମାନ୍, ବିଷ୍ଣୁ

ସାହୁଙ୍କୁ ଫକୀର୍‌ମୋହନ୍ କ୍ଷୁଦ୍ର ଗଳ୍ପ, କୁମ୍‌କୁମ୍ ମହାନ୍ତିଙ୍କୁ ବୈଷ୍ଣବ ପାଣି କଳା ସଂସ୍କୃତି ସମ୍ମାନ୍ ଦିଆଯିବା । ଆଏବା ୩୦ ତାରିଖ୍ ବେଲ୍‌ବୁଡ଼େ ଉତ୍କଳ ସାହିତ୍ୟ ସମାଜ୍‌ର ଶହେ ୨୪ ତମ ସମାବର୍ତ୍ତନ୍ ଉତ୍ସବ୍‌ଥି ଇ ସମ୍ମାନ୍ ଦିଆଯିବା ।

## ପ୍ରାଣୀସମ୍ପଦ୍ ସମୀକ୍ଷା ବୈଠକ୍ ହି.ସ.

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ପ୍ରାଣୀସମ୍ପଦ୍ ବିଭାଗ୍‌ର ସମୀକ୍ଷା ବୈଠକ୍ ଆଏଜ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡାକ୍ତର୍ ସୁଖେନ୍ଦୁ ରାୟ ବିଭାଗ୍ ତର୍‌ଫୁ କାର୍ଯ୍ୟକାରୀ ହେଉଥିବା ଭିନ୍ ଭିନ୍ ଯୋଜ୍‌ନାର୍ ଅଗ୍ରଗତି ବାବ୍‌ଦେ ସୂଚ୍‌ନା ଦେଇଛନ୍ । ଇ ଅବ୍‌ସରେ ଭିନ୍ ଭିନ୍ ପ୍ରାଣୀପାଳନ୍ ଯୋଜ୍‌ନାଥି ଭଲ୍ କାମ୍ କରିଥିବା ପ୍ରାଣୀପାଳକ୍‌ମାନ୍‌କୁ ଜିଲ୍ଲାପାଲ୍ ସମ୍ମାନିତ୍ କରିଛନ୍ । ବୈଠକ୍‌ଥି ଜିଲ୍ଲାପାଲ୍ ଗୃହପାଳିତ୍ ପ୍ରାଣୀମାନ୍‌କର୍ ବୀମାକରଣ୍ ଆଉ ଟୀକାକରଣ୍ କାମ୍‌କେ ତ୍ବରିତ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

କାର୍ଯ୍ୟକାରିଣୀ ସମିତି ବୈଠକ୍ ହି.ସ.

ଝାର୍‌ସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ଆଉ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ସମିତି ବୈଠକ୍ ଶିକ୍ଷା କାର୍ଯ୍ୟାଳୟ ସମ୍ମିଲନୀ କଠିନ ହେଇଯାଇଛେ । ବୈଠକ୍‌ଥି ସମୂହ ସଭାପତି ଆଉ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର୍ ରାଧାକାନ୍ତ ଗଡ଼୍‌ତିଆ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ଶାରୀରିକ୍ ଶିକ୍ଷା ଅଧିକାରୀ ଗଲା ବଛ୍‌ରର୍ ବିବରଣୀ ପାଠ୍ କର୍‌ବାର୍ ସହେତେ ଚଲ୍‌ତି ବଛର୍ ଜୋନ୍, ବ୍ଲକ୍ ଆଉ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଲାଗି ବାର୍ଷିକ୍ କାର୍ଯ୍ୟ ଯୋଜ୍‌ନା ଉପସ୍ଥାପନ୍ କରିଥିଲେ । ଯେନ୍‌ଟାକେ ସର୍ବସମ୍ମତିଥି ଅନୁମୋଦନ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପସାଗର ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ଲଘୁଚାପ୍ କ୍ଷେତ୍ରଥି ବଦଲିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର ଭିନ୍ ଭିନ୍ ଜାଗାନ ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ । ଭାରତୀୟ

ପାଣିପାଗ୍ ବିଭାଗ୍ ତରଫ୍ରୁ ଉତର୍ ଆଉ ଦକ୍ଷିଣ୍ ଓଡ଼ିଶାର୍ କେତେଟା ଜିଲ୍ଲା କେନ୍ଦୁଝର୍, ମୟୁର୍ଭଞ୍ଜ, ରାୟଗଡ଼ା, କୋରାପୁଟ୍ ଆଉ କଲାହାଣ୍ଡି ଜିଲ୍ଲା ନ ଜବର୍ ନୁ ଅତି ଜବର୍ ବର୍ଷା ହେବା ବଲି ସତର୍କ ସୂଚ୍ନା ଜାରି କରାଯାଇଛେ । ଗଲା ୨୪ ଘଂଟା ଭିତ୍ରେ କଲାହାଣ୍ଡି, ଥୁଆମୁଲ୍ ରାମ୍ପୁର୍ ନ ସବୁନୁ ଅଏତ୍କା ୩ ଶହ ୪୫ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ । ଜବର୍ ବର୍ଷା ଲାଗି ବଂଶଧାରା ଆଉ ସାଲନ୍ଦୀ ନଦୀର୍ ଜଲ୍ସ୍ତର୍ ବଢ଼୍ବାର୍କେ ଲାଗିଛେ । ସୂଚ୍ନା ଅନ୍ସାରେ ଗଲା ବଏଢ଼୍ଥି ୭ ଟା ଜିଲ୍ଲାର୍ ୧୪ ଲାଖ୍ ନୁ ଅଏତ୍କା ଲୋକ୍ ପ୍ରଭାବିତ୍ ହେଇଛନ୍ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଞ୍ଝର ୬ ବଜେତକ୍ ୬ ଶହ ୨୨ ଦଶ୍ମିକ୍ ୭/୯ ଫୁଟ୍ ରହିଥିଲା । ଇହାଦେ ୫ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍ନୁ ୧ ଲାଖ୍ ୧୪ ହଜାର୍ ୫୫ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୩୬ ହଜାର୍ ଶହେ ୫୦ ଘନଫୁଟ୍ ପାଏନ୍ ଜଲ୍ଭଣ୍ଡାର୍କେ ଆସୁଛେ ।